# ମୁମ୍ବାଇରୁ ଚାଲିଚାଲି ବାଲେଶ୍ୱର ଯାଉଥିଲେ ଗର୍ଭବତୀ !

## ସହଯୋଗର ହାତ ବଢ଼ାଇଲା ଝାରସୁଗୁଡ଼ା ପୁଲିସ



**ଝାରସୁଗୁଡା, ୨ ମେ/ଏନ୍ଏନ୍ଏସ୍:** ଲକଡାଉନ ଯୋଗୁଁ କାମଧନ୍ଦା ହରାଇ ଅନେକ ପ୍ରବାସୀ ଘରକୁ ଫେରୁଛନ୍ତି । ସରକାର କେତେକଙ୍କ ପାଇଁ ବସ ପଠାଉଛନ୍ତି ତ ଅନେକ ଚାଲିଚାଲି ହଜାର ହଜାର କିଲୋମିଟର ଦୂର ନିଜ ଘରକୁ ଫେରୁଥିବା ଦେଖିବାକୁ ମିଳୁଛି । ଆଜି ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲ୍ଲାରେ । ଆଜି ମୁମ୍ବାଇରୁ ବାଲେଶ୍ୱର ଯାଉଥିବା ୯ ମାସର ଗର୍ଭବତୀ ଓ ତାଙ୍କ ସ୍ୱାମୀ ଝାରସୁଗୁଡ଼ା ଜିଲ୍ଲା ପ୍ରସନ୍ନ ପଣ୍ଡା ଛକ ଦେଇ ଯାଉଥିଲେ । ଝାରସୁଗୁଡ଼ା ପୁଲିସ ଏହି ଦମ୍ପତିଙ୍କୁ ଉଦ୍ଧାର କରି ତାଙ୍କୁ ଖାଦ୍ୟପେୟ ପ୍ରଦାନ କରିବା ସହିତ ତାଙ୍କୁ ବାଲେଶ୍ୱର ପଠାଇବାର ବ୍ୟବସ୍ଥା କରିଛି । ସୂଚନା ଅନୁଯାୟୀ, ଲକ୍‌ଡାଉନ ପାଇଁ କାମ ବନ୍ଦହେବା ପରେ ମୁମ୍ବାଇରେ ରହୁଥିବା ବାଲେଶ୍ୱର ଜିଲ୍ଲାର ଏହି ଦମ୍ପତି ଚାଲିଚାଲି ଘରକୁ ବାହାରି ଥିଲେ । ହେଲେ ବାଟ ମଝିରେ କେଉଁଠି ଟ୍ରକ ତ ଆଉ କେଉଁଠି ପିକ୍ଅପ ପରି ଅନେକ ଗାଡ଼ିରେ ଟଙ୍କା ଦେଇ ଆସି ଝାରସୁଗୁଡ଼ା ପର୍ଯ୍ୟନ୍ତ ପହଞ୍ଚିଥିଲେ । ଏହାପରେ ଝାରସୁଗୁଡା ପୁଲିସ ଉଭୟ ଦମ୍ପତିଙ୍କୁ ସ୍କ୍ରିନିଂ କରିବାସହ ମହିଳା ଜଣଙ୍କ ୯ ମାସର ଗର୍ଭବତୀ ଥିବାରୁ ତାଙ୍କୁ ବାଲେଶ୍ୱର ଯିବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।